ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/RD/(Od)/521/17-09-2025**

## 'ଏକ ପେଡ୍ ମା' କେ ନାମ ୨.୦' ଅଭିଯାନରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସକ୍ରିୟ ଅଂଶଗ୍ରହଣ

ଭୁବନେଶ୍ୱର,୧୭/୦୯/୨୦୨୫:

ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଉପଲକ୍ଷେ ଆରମ୍ଭ ହୋଇଥିବା 'ଏକ ପେଡ୍ ମା କେ ନାମ ୨.୦' ଅଭିଯାନ ଅଧୀନରେ ଆଜି ଓଡ଼ିଶା ଏକ ଉଲ୍ଲେଖନୀୟ ରେକର୍ଡ ସୃଷ୍ଟି କରିଛି । ରାଜ୍ୟବାସୀଙ୍କ ଅକୁଣ୍ଠ ସହଯୋଗରେ ଏହି ଅଭିଯାନରେ ରାଜ୍ୟବ୍ୟାପୀ ଏକ କୋଟିରୁ ଅଧିକ ଚାରା ରୋପଣ କରାଯାଇପାରିଛି । ଗ୍ରାମ୍ୟ ଉନ୍ନୟନ ବିଭାଗର ମଣ୍ଡଳ ଓ କ୍ଷେତ୍ର କାର୍ଯ୍ୟାଳୟଗୁଡ଼ିକର କ୍ଷେତ୍ରସ୍ତରୀୟ ଅଧିକାରୀମାନେ ଏହି ବ୍ୟାପକ ଚାରାରୋପଣ ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି । ବ୍ଲକର ଉପାନ୍ତ ଅଞ୍ଚଳରୁ ଜିଲ୍ଲା ମୁଖ୍ୟାଳୟ ପର୍ଯ୍ୟନ୍ତ ବିଭାଗର କ୍ଷେତ୍ରସ୍ତରୀୟ ଅଧିକାରୀମାନେ ଅତ୍ୟନ୍ତ ଉତ୍ସାହ ଏବଂ ପ୍ରତିବଦ୍ଧତାର ସହିତ ଅଂଶଗ୍ରହଣ କରି ଏହି ମିଶନକୁ ଏକ ଜନଆନ୍ଦୋଳନରେ ପରିଣତ କରିଛନ୍ତି ।

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟିସଂପନ୍ନ ମାର୍ଗଦର୍ଶନରେ ଏହି ଜାତୀୟ ଅଭିଯାନରେ ଓଡ଼ିଶାର ଅବଦାନ ସମଗ୍ର ଦେଶ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି । ଏକ ସବୁଜ ପରିବେଶ ନିର୍ମାଣ ଉଦ୍ଦେଶ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହାର କର୍ମଚାରୀଙ୍କ ସର୍ବାଧିକ ଅଂଶଗ୍ରହଣକୁ ସୁନିଶ୍ଚିତ କରାଯିବା ସହ ଗୋଷ୍ଠୀସ୍ତରରେ ଜନସାଧାରଣଙ୍କୁ ସାମିଲ କରି ଏହି ମହାନ ପଦକ୍ଷେପକୁ ସଫଳ କରାଯାଇଛି ।

ମାନ୍ୟବର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ ବିଭାଗର ସକ୍ରିୟ ପ୍ରୟାସକୁ ପ୍ରଶଂସା କରିଛନ୍ତି । ଅଧିକାରୀମାନଙ୍କୁ ସେମାନଙ୍କର ଉତ୍ସର୍ଗୀକୃତ ମନୋଭାବ ପାଇଁ ସାଧୁବାଦ ଜଣାଇ ସେ କହିଛନ୍ତି, ଏହି ଅଭିଯାନ କେବଳ ପରିବେଶ ସୁରକ୍ଷାରେ ଯୋଗଦାନ କରିବ ନାହିଁ ବରଂ ରାଜ୍ୟରେ ଗ୍ରାମୀଣ ବିକାଶକୁ ସଶକ୍ତ କରିବ । ଏକ ସବୁଜ ପରିବେଶ ଗ୍ରାମୀଣ ଜୀବିକା ବୃଦ୍ଧି କରିବା ସହ ପରିବେଶଗତ ସନ୍ତୁଳନକୁ ପ୍ରୋତ୍ସାହିତ କରିବ ଏବଂ ସ୍ଥାୟୀ ଅଭିବୃଦ୍ଧିରେ ଯୋଗଦାନ ଦେବ ବୋଲି ସେ ପ୍ରକାଶ କରିଛନ୍ତି ।

ଭବିଷ୍ୟତରେ ବିଭାଗ ପକ୍ଷରୁ ଏପରି ପଦକ୍ଷେପ ଜାରି ରହିବ ଏବଂ ଗ୍ରାମୀଣ ବିକାଶକୁ ପରିବେଶ ସଂରକ୍ଷଣ ସହିତ ସଂଯୋଗ କରାଯିବା ଦ୍ୱାରା ତୃଣମୂଳସ୍ତରର ରୂପାନ୍ତରଣ ଜରିଆରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ନାଏକ ମତପ୍ରକାଶ କରିଛନ୍ତି ।

ବିନାୟକ ମିଶ୍ର
ଲୋକସମ୍ପର୍କ ଅଧିକାରୀ
ଗ୍ରାମ୍ୟ ଉନ୍ନୟନ ବିଭାଗ